## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୧ ମୃତ, ଜଣେ ଗୁରୁତର

**ନାକଟିଦେଉଳ,୩୧।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ପେଣ୍ଠବାହାଲ ନିକଟରେ ଗୁରୁବାର ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କିସିଣ୍ଡା ଥାନା କଞ୍ଚନପୁର ଗ୍ରାମର ଜୟନ୍ତ ପାତ୍ର। ସେହିପରି ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ମହୁକୁଦ ଗ୍ରାମର ସୁରେଶ ବେହେରା। ସକାଳ ପ୍ରାୟ ୯ଟା ସମୟରେ ଓଡି୧୫ପି-୬୨୬୪ନଂ. ବିଶିଷ୍ଟ ସ୍କୁଟିରେ ଏମାନେ ନାକଟିଦେଉଳରୁ ରେଢ଼ାଖୋଲ ଯାଉଥିଲେ। ପେଣ୍ଠବାହାଲ ନିକଟ କମାରସାହି ସମ୍ମୁଖ ରାସ୍ତାରେ ପଛପଟରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍କୁଟି ଚାଳକ ଜୟନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ନାକଟିଦେଉଳ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ସୁରେଶଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି।

### କପଡ଼ା ଦୋକାନରୁ ଚୋରି ଅଭିଯୋଗ

**ଜମନକିରା, ୩୧।୧୨ (ଡି.ଏନ.ଏ.):** ଜମନକିରା ବ୍ଲକ ଭୋଜପୁର ମୁଖ୍ୟ ବଜାରରୁ ବୁଧବାର ବିଳମ୍ବିତ ରାତିରେ ଏକ କପଡ଼ା ଦୋକାନରୁ ଚୋରି ହୋଇଥିବା ନେଇ ମାଲିକ ରଞ୍ଜନ କୁଜୁର କୁଚିଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ରଞ୍ଜନ ସବୁଦିନ ଭଳି ସନ୍ଧ୍ୟା ସାଢ଼େ ୭ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ପଡ଼ୋଶୀ ଦୋକାନୀ ତାଲା ଭଙ୍ଗାଯାଇଥିବା ଦେଖି ରଞ୍ଜନଙ୍କୁ ଖବର ଦେଇଥିଲେ। ରଞ୍ଜନ ପହଞ୍ଚି ତାଙ୍କ ଦୋକାନରୁ ଶାଢ଼ି, ପ୍ୟାଣ୍ଟ, କପଡ଼ା ଆଦି ପ୍ରାୟ ୫୦ ହଜାର ଟଙ୍କାର ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ରେଢ଼ାଖୋଲ,୩୧।୧୨(ଡି.ଏନ.ଏ.):** ବେଲଡିହି-କଦଳିଗଡ ରାସ୍ତାର କାଙ୍କଣପଡା ଗ୍ରାମ ନିକଟରେ ଗୁରୁବାର ଅପରାହ୍ଣରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ରେଢ଼ାଖୋଲ ଥାନା କୁକୁଡାବାହାଲି ପଞ୍ଚାୟତ ସାନ-ନୂଆପଡା ଗ୍ରାମର ସନାତନ ପ୍ରଧାନ। ସୂଚନା ଅନୁଯାୟୀ ସନାତନ ବାଇକ୍‌ରେ ନୂଆପଡାରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ବଡକସିବାହାଲ ଗ୍ରାମର ଟଙ୍କଧର ପ୍ରଧାନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଦୁଇଜଣ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣାଯାଇଥିଲା। ଗୁରୁତର ସନାତନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ।

# କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଆନ୍ଦୋଳନ

**ଲଖନପୁର,୩୧।୧୨(ଡି.ଏନ୍.ଏ.)**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ତିଳିଆ ପାଉଁଶ ପୋଖରୀ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସୀ ବିଭିନ୍ନ ଦାବିନେଇ ଗୁରୁବାର ପୋଖରୀ ପରିସରରେ ଧାରଣା ଦେଇଥିଲେ। ଆନ୍ଦୋଳନ ଯୋଗୁ ପାଉଁଶ ପୋଖରୀ ପରିସରରେ ଗୃହ ନିର୍ମାଣ, ପାଇପ୍ ବିଛା ଆଦି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି ଆନ୍ଦୋଳନରେ ପାର୍ଶ୍ୱବର୍ତ୍ତୀ କ୍ଷତିଗ୍ରସ୍ତଙ୍କ ସମେତ ମା' ଅମ୍ବିକା, ମା' ଭଗବତୀ, ମା' ଭଟ୍ଟାରିକା, ମା' ପ୍ରଭାତୀ ଆଦି ୧୫ରୁ ଉର୍ଦ୍ଧ୍ୱ ମହିଳା ସଂଗଠନ ସାମିଲ ହୋଇଛନ୍ତି। ସଞ୍ଜୁଲତା ସେଠ୍, ତୁଳସୀ ସେଠ୍, ଲିଲି ସେଠ୍, ଭଗବତୀ ନାଗ, କଲ୍ୟାସିନୀ ବାଗ୍, ସୁକାନ୍ତି ସାହୁ, ସରସ୍ୱତୀ ବଗର୍ତ୍ତି, ଗୋଲାପି ବାଗ୍ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିବାରୁ ଆନ୍ଦୋଳନକାରୀ ଅସନ୍ତୋଷ ପ୍ରକାଶ କରିଥିଲେ।


ପାଉଁଶ ପୋଖରୀ ପରିସରରେ ମହିଳା ସଂଗଠନର ସଦସ୍ୟା ଧାରଣାରେ ବସିଛନ୍ତି।

**ପାଉଁଶ ପୋଖରୀ କାମ ବାଧାପ୍ରାପ୍ତ**

ଆନ୍ଦୋଳନକାରୀ ଦର୍ଶାଇଛନ୍ତି, ପାଉଁଶ ପୋଖରୀରେ ବହୁ ଲୋକଙ୍କ ଜମି ଓ ବିଭିନ୍ନ ପ୍ରକାର ଗଛ ଯାଇଛି । ଏ ବାବଦରେ ଲୋକଙ୍କୁ କ୍ଷତିପୂରଣ ମିଳିନାହିଁ । ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ କମ୍ପାନୀ ପକ୍ଷରୁ ନିଯୁକ୍ତି ବ୍ୟବସ୍ଥା କରାଯାଉନାହିଁ। ଅଞ୍ଚଳର ଲୋକେ ପ୍ରତିଦିନ ପାଉଁଶ ପୋଖରୀରୁ ପାଉଁଶ ସେନୋସ୍ପିୟର ସଂଗ୍ରହ କରି ଚଳୁଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଏକ ଠିକାସଂସ୍ଥାକୁ ଏହି ଦାୟିତ୍ୱ ଦେବାପରେ ସେମାନେ ବହୁ ଅସୁବିଧାରେ ଜୀବନ ବିତାଉଛନ୍ତି। ଏହାଛଡା କ୍ଷତିଗ୍ରସ୍ତ ସଂସରାଟିକ୍ରା ଗ୍ରାମବାସୀଙ୍କୁ ପାନୀୟଜଳ, ରାସ୍ତାଘାଟ, ଶିକ୍ଷା ଆଦି ସୁବିଧା ଯୋଗାଇଦେବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏହା ପାଳନ କରିବାରେ କମ୍ପାନୀ କାଳକ୍ଷେପଣ ନୀତି ଅବଲମ୍ବନ କରିଚାଲିଛି । ପୂର୍ବରୁ ଏହି ଗ୍ରାମବାସୀ ଆନ୍ଦୋଳନ କରିଥିବାବେଳେ ପ୍ରଶାସନ ହସ୍ତକ୍ଷେପ କରି ଏହାର ସମାଧାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ହେଲେ ଏହା କାର୍ଯ୍ୟକାରୀ ହୋଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବାରୁ କିଛି କହିପାରିବେ ନାହିଁ ବୋଲି କହିଥିଲେ।

# ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ଗିରଫ

**ସୁନ୍ଦରଗଡ଼, ୩୧।୧୨ (ଡି.ଏନ୍.ଏ.)**

**କର୍ମଚାରୀଙ୍କ ୟୁନିଫର୍ମ ବିଲ୍ ମଞ୍ଜୁର ପାଇଁ ଲାଞ୍ଚ**

ପୌର କର୍ମଚାରୀଙ୍କ ୟୁନିଫର୍ମ ବିଲ୍ ମଞ୍ଜୁର ପାଇଁ ଜଣେ ଦରଜିଙ୍କ ଠାରୁ ୧୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଗୁରୁବାର ଅପରାହ୍ଣରେ ସୁନ୍ଦରଗଡ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଭିଜିଲାନ୍ସ ବିଭାଗ ହାତରେ ଧରା ପଡିଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କ ଠାରୁ ରାସାୟନିକ ପ୍ରଲେପ ଦିଆ ଏହି ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୨୦୧୭ ମସିହାରୁ ଝାରସୁଗୁଡାର ସାଇନ୍ ଟେଲରର ପ୍ରୋପ୍ରାଇଟର ସୟଦ ହକ୍ ସୁନ୍ଦରଗଡ ପୌରପାଳିକାକୁ ସଫେଇ କର୍ମଚାରୀ ଓ ଅନ୍ୟ କର୍ମଚାରୀଙ୍କ ସକାଶେ ୧ଲକ୍ଷ ୭୭ହଜାର ଟଙ୍କା ମୂଲ୍ୟର ୟୁନିଫର୍ମ ଦେଇଥିଲେ। ହେଲେ ଦୀର୍ଘ ଦିନଧରି ତାଙ୍କର ବିଲ୍ ମଞ୍ଜୁର ହେଉ ନ ଥିଲା। ନିର୍ବାହୀ ଅଧିକାରୀ ମିଶ୍ର ଏହି ବିଲ୍ ମଞ୍ଜୁର ସକାଶେ ତାଙ୍କଠାରୁ ୧୫ହଜାର ଟଙ୍କା ଦାବି କରିଆସୁଥିଲେ। ଏ ସମ୍ପର୍କରେ ଟେଲର ମାଷ୍ଟର ରାଉରକେଲା ଭିଜିଲାନ୍ସ ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ରାଉରକେଲା ଭିଜିଲାନ୍ସ ଏସ୍‌ପି ସୁବାସ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏକ ମାମଲା ରୁଜୁ କରାଯାଇଥିଲା। ଯୋଜନା ମୁତାବକ ସୁନ୍ଦରଗଡ଼ ପୌରପାଳିକା କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ (ଇଓ) ଟେଲର ମାଷ୍ଟରଙ୍କ ଠାରୁ ୧୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଛପିରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ଟଙ୍କା ଜବତ କରିଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ଝାରସୁଗୁଡା ଇନ୍ସପେକ୍ଟର ପି.କେ ଆଇନ୍ଦ, ଦେବଗଡ ଇନ୍ସପେକ୍ଟର ଯୋଗେଶ କୁମାର ପଟେଲ ଓ ରାଉରକେଲା ଇନ୍ସପେକ୍ଟର ସୁଧୀର ସାହୁ ପ୍ରମୁଖ ଏହି ଚଢାଉରେ ଅଂଶଗ୍ରହଣ କରିଥିଲେ।


ଭିଜିଲାନ୍ସ ଅଧିକାରୀମାନେ ପୌର ନିର୍ବାହୀ ଅଧିକାରୀଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରୁଛନ୍ତି।

# ଅନ୍ଧାରୀ କପ କ୍ରିକେଟ: ବାଟଗାଁ ଚାମ୍ପିୟନ

**ନାକଟିଦେଉଳ,୩୧।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ଗ୍ରାମର ୟୁଥ୍ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଗତ ୨୫ତାରିଖଠାରୁ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଅନ୍ଧାରୀ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନାକଟିଦେଉଳ ଏକାଦଶକୁ ହରାଇ ବାଟଗାଁ ଟିମ୍ ଚାମ୍ପିୟନ ହୋଇଥିଲା। ବାଟଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୬ଉଇକେଟ ହରାଇ ୧୧୨ରନ କରିଥିଲା। ଜବାବରେ ନାକଟିଦେଉଳ ଏକାଦଶ ୯ ଉଇକେଟ ହରାଇ ୧୦୧ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବାଟଗାଁର ଚିଣ୍ଟୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଦୀପକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ନାକଟିଦେଉଳ ଦଳର ଅଭିଷେକ ସାହୁଙ୍କୁ ସୁପର ଷ୍ଟ୍ରାଇକର ଭାବେ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ଝସକେତନ ବିଶ୍ୱାଳ ଓ ଲିପୁନ ବିଶି। ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି ଓ ବିଡିଓ ବିବେକାନନ୍ଦ ସାହୁ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ, ସମିତିସଭ୍ୟ ନେତ୍ରାନନ୍ଦ ରାଉଳ, ଶିକ୍ଷୟିତ୍ରୀ ସଂଯୁକ୍ତା ପାଇକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ବାଟଗାଁ ଏକାଦଶ ଓ ଉପବିଜେତା ନାକଟିଦେଉଳ ଏକାଦଶକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ଉପଦେଷ୍ଟା ସମୀର କୁମାର ସେଠୀ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ।


ଟ୍ରଫି ସହ ଚାମ୍ପିୟନ ଟିମ୍।

### ଜିଲାର ପ୍ରଥମ କିନ୍ନର ଭାବେ ପରିଚୟ ପତ୍ର ଓ ପେନସନ ପାସବୁକ୍ ପ୍ରଦାନ

**ଦେବଗଡ଼, ୩୧।୧୨(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରସ୍ତାବ ସଂଖ୍ୟା ୫୧୨୫, ତାରିଖ ୧୬।୭।୨୦୨୦ ଓ ପତ୍ର ସଂଖ୍ୟା ୭୬୮୫, ତାରିଖ ୧୧।୧୧।୨୦୨୦ ଅନୁଯାୟୀ କିନ୍ନରମାନଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ତଦନୁଯାୟୀ ଉପଜିଲାପାଳଙ୍କ ମଞ୍ଜୁରୀକ୍ରମେ ଦେବଗଡ ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ.୪ ଗୁରୁସାହିର ଲିଟୁ କାରିଗରଙ୍କୁ ଦେବଗଡ ଜିଲାର ପ୍ରଥମ କିନ୍ନର ଭାବେ ପରିଚୟପତ୍ର ଓ ପେନସନ ପାସବୁକ୍ ପ୍ରଦାନ କରାଯାଇଛି। ଦେବଗଡ ପୌରପାଳିକା କାର୍ଯ୍ୟାଳୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇଙ୍କ ଉପସ୍ଥିତିରେ ପୌରପାଳିକା ନିର୍ବାହୀ ଅଧିକାରୀ ଅତସି ପରିଡା ଲିଟୁ କାରିଗରଙ୍କୁ ଏହି ପରିଚୟପତ୍ର ଓ ପେନସନ ପାସବୁକ୍ ପ୍ରଦାନ କରିଥିଲେ। ଏହି ଅବସରରେ ପୌରପାଳିକା କାର୍ଯ୍ୟାଳୟର ଗୋଷ୍ଠୀ ସଙ୍ଗଠିକା ମୋନାଲିସା ପଣ୍ଡା ଓ ଜିଲା କାର୍ଯ୍ୟାଳୟର ଜିଲା କାର୍ଯ୍ୟକ୍ରମ ସହାୟକ ପବିତ୍ର ପ୍ରଧାନ ଓ କନିଷ୍ଠ ସହାୟକ ଦିଗମ୍ବର ପ୍ରଧାନ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ଯୋଗ୍ୟ କିନ୍ନରମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହିତ ସେମାନଙ୍କ ଅର୍ଥନୈତିକ ବିକାଶ ନିମନ୍ତେ ବହୁମୁଖୀ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ା ବିମାନ ବନ୍ଦରରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ


ଅତିଥିମାନେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

**ଲଖନପୁର,୩୧।୧୨(ଡି.ଏନ୍.ଏ.)**

ଝାରସୁଗୁଡା ବିମାନ ବନ୍ଦର ପଶ୍ଚିମ ଓଡ଼ିଶାର ବୀରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହୋଇଛି। ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁରୁବାର ବିମାନ ବନ୍ଦର ମୁଖ୍ୟ ଫାଟକ ନିକଟରେ ଅନାବରଣ କରାଯାଇଛି। ଏହାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ଜିଲାପାଳ ସରୋଜ ସାମଲ ଓ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି ପ୍ରମୁଖ ଉନ୍ମୋଚନ କରିଛନ୍ତି। ଜିଲା ସିଏସ୍‌ଆର୍ ପାଣ୍ଠିରୁ ୩୯ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରତିମୂର୍ତ୍ତି ନିର୍ମିତ ହୋଇଛି। ଏହାର ଉଚ୍ଚତା ୧୦ଫୁଟ୍ ରହିଥିବାବେଳେ ଧାତବରେ ନିର୍ମାଣ କରାଯାଇଛି। ବିମାନ ବନ୍ଦରକୁ ଆସୁଥିବା ଯାତ୍ରୀମାନେ ଏହି ସଂଗ୍ରାମୀ ବରପୁତ୍ରଙ୍କ ଜୀବନୀ ସମ୍ପର୍କରେ ଜାଣିବା ପରେ ଓଡ଼ିଶାର ଐତିହ୍ୟ ଉପରେ ଜାଣିପାରିବେ ବୋଲି ଅତିଥିମାନେ ପ୍ରତିକ୍ରିୟାରେ କହିଛନ୍ତି।

# କରୋନା ଯୋଦ୍ଧାଙ୍କୁ ସମ୍ମାନିତ କଲେ ଜିଲାପାଳ

**ସୁନ୍ଦରଗଡ, ୩୧।୧୨ (ଡି.ଏନ୍.ଏ)**

**୫୦ଲକ୍ଷ ଟଙ୍କାର ସହାୟତା ପ୍ରଦାନ**

ଚଳିତବର୍ଷ କରୋନା ସଂକ୍ରମଣ ସମୟରେ ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀମାନେ ନିଷ୍ଠାପର ସେବା ଯୋଗାଇ ନିଜ ଜୀବନକୁ ବାଜି ଲଗାଇଦେଇଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ କାର୍ଯ୍ୟରତ ସମୟରେ ନିଜେ କରୋନା ସଂକ୍ରମିତ ହେବା ସଙ୍ଗେ ସଙ୍ଗେ ମୃତ୍ୟୁମୁଖରେ ମଧ୍ୟ ପଡିଥିଲେ । ସେମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେଇ ସରକାର ୫୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ସେହି କ୍ରମରେ ସୁନ୍ଦରଗଡ ଜିଲାର ୨ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ସେମାନଙ୍କ ପରିବାରଙ୍କୁ ଜିଲାପାଳ ନିଖିଲ ପବନ କଲ୍ୟାଣ ୫୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ପୋଲିସ କର୍ମଚାରୀ ନାରାୟଣ ଚନ୍ଦ୍ର ସେଠୀ ଓ ରାଉରକେଲା ମ୍ୟୁନିସପାଲ କର୍ପୋରେସନର ଇଲେକ୍ଟ୍ରିସିଆନ୍ ସୁରେନ୍ଦ୍ର କୁମାର ନାଏକ କରୋନା ଯୁଦ୍ଧରେ ଶହୀଦ ହୋଇଥିବାରୁ ତାଙ୍କ ପରିବାର ବର୍ଗଙ୍କୁ ଜିଲାପାଳ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ନାରାୟଣ ଚନ୍ଦ୍ର ସେଠୀଙ୍କ ସ୍ତ୍ରୀ ଜୟନ୍ତୀ ସେଠୀ ଓ ସୁରେନ୍ଦ୍ର କୁମାର ନାଏକଙ୍କ ସ୍ତ୍ରୀ ମନସା ନାଏକଙ୍କୁ ୫୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । କରୋନା ଯୁଦ୍ଧରେ ସେମାନଙ୍କର ବଳିଦାନ ପାଇଁ ଜିଲାପାଳ କୃତଜ୍ଞତା ପ୍ରକାଶ କରିବା ସହ ସେମାନଙ୍କର ପରିବାରର ଉନ୍ନତି କାମନା କରିଥିଲେ । ପୂର୍ବରୁ ସୁନ୍ଦରଗଡର ଅନ୍ୟ ୨ଜଣ କରୋନା ଯୋଦ୍ଧା ଶ୍ରୀମନ୍ତ କୁମାର ପାତ୍ର ଓ ପୋଲିସ କର୍ମଚାରୀ ବେଲହାମ୍ ମିଂଜଙ୍କ ପରିବାରକୁ ମଧ୍ୟ ଜିଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା: ଥାନାରେ ଅଭିଯୋଗ

**ବଡଗାଁ, ୩୧।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ହିତାଧିକାରୀଙ୍କୁ ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘରକୁ ବିଜୁ ପକ୍କା ଘର ଉଲ୍ଲେଖ କରି କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାରଙ୍କ ଯୋଜନା ଭାବେ ଦର୍ଶାଇବା ଦେଖାଗଲା ପରେ ବଡଗାଁ ମଣ୍ଡଳ ଭାଜପା ପକ୍ଷରୁ ବିରୋଧ ପଦଯାତ୍ରାରେ କର୍ମୀମାନେ ଯାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବିଡିଓଙ୍କ ସହିତ ଏହି ଚଞ୍ଚକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ପୂର୍ବାହ୍ଣରେ ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ରଞ୍ଜନ ପଟେଲଙ୍କ ନେତୃତ୍ୱରେ କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ, ପ୍ରତାପ ମହାପାତ୍ର, ବସନ୍ତ ସାହୁ, ବାବୁଲି କର୍ସେଲ, ପିଣ୍ଟୁ ହୋତା, ଝୁପୁଲୁ ପାଣିଗ୍ରାହୀ, ଅକ୍ଷୟ ଦେଓ, ଅଖିଳ ବେହେରା, ଶିଶିର ରାଉତରାୟ, ତାପସ ସିଂ ପ୍ରମୁଖ ବିରୋଧ ପଦଯାତ୍ରାରେ ମାଉସୀ ମନ୍ଦିରରୁ ବାହାରି ଥାନାକୁ ଯାଇଥିଲେ। ସେଠାରେ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡପ ଓ ଚଞ୍ଚକତା କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଇ ମିଥ୍ୟା ବାର୍ତ୍ତା ଦେବା, ପ୍ରବଞ୍ଚନା, ପ୍ରତାରଣା କରିଥିବାରୁ ମାମଲା ରୁଜୁ ପାଇଁ ଦାବି କରାଯାଇଛି। ତେବେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହାର ବିରୋଧ ହେବାରୁ ବିଜୁ ପକ୍କାଘର ଲେଖାଥିବା ପୋଷ୍ଟର ବଡଗାଁ ଅଞ୍ଚଳରେ କାଢ଼ି ଦିଆଯାଇଥିବା ଦେଖାଯାଇଛି ।


ପଦଯାତ୍ରାରେ କର୍ମୀମାନେ ଥାନାକୁ ଯାଉଛନ୍ତି।

# ୨ରେ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

**ସମ୍ବଲପୁର,୩୧।୧୨ (ବ୍ୟୁରୋ)**

ସମ୍ବଲପୁର ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଆସନ୍ତା ଜାନୁୟାରୀ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ପଦ୍ଧତିରେ ଶିଳାନ୍ୟାସ କରିବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସୂଚନା ରାଷ୍ଟ୍ରମନ୍ତ୍ରୀ ଧୋତ୍ରେ ସଞ୍ଜୟ ଶାମାରାଓ, ଆଇଆଇଏମ୍ ବୋର୍ଡ ପରିଚାଳନା ନିର୍ଦ୍ଦେଶକ ଅରୁନ୍ଧତି ଭଟ୍ଟାଚାର୍ଯ୍ୟ ଉପସ୍ଥିତ ରହିବେ। ଏହାସହ ପ୍ରାୟ ୫ ହଜାର ସମ୍ମାନନୀୟ ଅତିଥି ଭର୍ଚୁଆଲରେ ଯୋଗଦାନ କରିବେ। ଅସ୍ଥାୟୀ କ୍ୟାମ୍ପସରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜସୱାଲ ଏହି ସୂଚନା ଦେଇଥିଲେ। ସେହିପରି ଶିଳାନ୍ୟାସ ସ୍ଥଳରେ କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ ଉପସ୍ଥିତ ରହିବେ। ୯ଟା୩୦ ମିନିଟରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବାହ୍ଣ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ମୋଦି ଶିଳାନ୍ୟାସ କରିବେ। ଏହି କାର୍ଯ୍ୟକ୍ରମରେ ଚାଷୀ ସଂଗଠନ, ସାମାଜିକ ଅନୁଷ୍ଠାନ ସଦସ୍ୟ ମଧ୍ୟ ଉପସ୍ଥିତ ରହିବେ। ଆଇଆଇଏମ୍ ସମ୍ବଲପୁର ପାଇଁ ରାଜ୍ୟ ସରକାରଙ୍କ ଅକୁଣ୍ଠ ସମର୍ଥନ ମିଳିଛି। ୨୦୨ ଏକର ଜମି ଯୋଗାଇଦେବା ସହ ନିରନ୍ତର ସହଯୋଗ ମିଳୁଛି ବୋଲି କହିଥିଲେ।

ସୂଚନାଯୋଗ୍ୟ, ସ୍ଥାୟୀ କ୍ୟାମ୍ପସ୍ ଲାଗି ସମ୍ବଲପୁର ମୁଖ୍ୟାଳୟରୁ ପ୍ରାୟ ୨୦କି.ମି. ଦୂର ଗୋସାଳାରେ ଜମି ଚିହ୍ନଟ ହୋଇଛି। ୨୦୧୯ ଅଗଷ୍ଟ ୨୦ରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜସୱାଲ ଓ ଏନ୍‌ବିସିସି (ଠିକାସଂସ୍ଥା) ଜେନେରାଲ ମ୍ୟାନେଜର ଏ.କେ. ସୋମାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମେ ୪୦୧ କୋଟି ମଞ୍ଜୁର ହୋଇଥିବା ବେଳେ ଏବେ ୨୯୦ କୋଟିର ବ୍ୟୟ ଅଟକଳରେ କାମ ଆରମ୍ଭ ହେବ। ଅକ୍ଷୟ ଶକ୍ତି ବ୍ୟବହାର କରଯିବ। କ୍ୟାମ୍ପସ ଭିତରେ ବ୍ୟାଟେରି ଗାଡ଼ି ଚଳାଚଳ କରାଯିବ। ପରିସରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଅନ୍ୟ ଗାଡିକୁ ଭିତରକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ପରିସର ଭିତରେ ଗଛ ଲଗାଇ ସବୁଜ ସୁନ୍ଦର କରାଯିବ। ଏହାସହ ଓଡ଼ିଶାର କୋଣାର୍କ ମନ୍ଦିର ଭଳି ଐତିହାସିକ ସ୍ଥାନଗୁଡିକ ସହ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ବିଭିନ୍ନ ଚିତ୍ର ଓ ନିର୍ମାଣ କାମ ସ୍ଥାନିତ କରାଯିବ। ବର୍ତ୍ତମାନ ଅସ୍ଥାୟୀ କୋଠାରେ ଚାଲୁଥିବା ଏହି ଅନୁଷ୍ଠାନ ଅନେକ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଦେଶର ଅନ୍ୟତମ ଅନୁଷ୍ଠାନ ଭାବେ ପରିଗଣିତ ହେଉଛି। ବିଗତ ବର୍ଷଗୁଡିକରେ ଏଠାରୁ ପାଠପଢ଼ି ଛାତ୍ରୀଛାତ୍ର ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି। ତେଣୁ ଏହି କୋଠା ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀଙ୍କ ପାଇଁ ସୁବିଧା ହେବ। ଧାର୍ଯ୍ୟଲକ୍ଷ୍ୟ ଭିତରେ କାମର ଠିକ୍ ମାନ ରଖି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ପ୍ରଶାସନିକ କୋଠା, କ୍ଲାସ ରୁମ୍, କମ୍ୟୁନିଟି ସେଣ୍ଟର, କ୍ଲବ, ମିଟିଂ ହଲ୍, ଲାଇବ୍ରେରି, ଛାତ୍ରୀଛାତ୍ର ନିବାସ, ଅଧ୍ୟାପକ ଓ କର୍ମଚାରୀଙ୍କ କ୍ୱାର୍ଟର୍ସ କାମ ହେବ। ଧାର୍ଯ୍ୟ ସମୟ ଭିତରେ ନିର୍ମାଣ କାମ ନ ସାରିଲେ କମ୍ପାନୀ ଉପରେ ପେନାଲ୍ଟି ଲଗାଯିବ ବୋଲି ସେ କହିଥିଲେ।




ପ୍ରସ୍ତାବିତ ଆଇଆଇଏମ୍ କୋଠା(ବାମ) ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଆଇଆଇଏମ୍ ନିର୍ଦ୍ଦେଶକ।

**ସମ୍ବଲପୁରରେ ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ**

- ପ୍ରଦୂଷଣ ମୁକ୍ତ, ଅକ୍ଷୟ ଶକ୍ତିର ବ୍ୟବହାର
- ଏପ୍ରିଲ ୨୨ ସୁଦ୍ଧା ସାରିବାକୁ ଲକ୍ଷ୍ୟଧାର୍ଯ୍ୟ

## ଏସ୍‌ପିଙ୍କୁ ଭେଟିଲେ ଏସ୍‌ଏଚ୍‌ଜି ମହିଳା

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ଛତ୍ରଙ୍ଗ ପଞ୍ଚାୟତର ବଡ ଗୁଣ୍ଡୁରି ସାହିର ମା' ଭୈରବୀ ସ୍ୱଂୟ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ହରଭଙ୍ଗା ଥାନା ଅଧିକାରୀଙ୍କ ବିରୋଧରେ ବୁଧବାର ଏସପିଙ୍କଠାରେ ଫେରାଦ ହୋଇଛନ୍ତି। ଅଭିଯୋଗରୁ ଜଣାଯାଏ ଯେ, ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଋଣ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଥାନା ଅଧିକାରୀ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ ଏତଲା କପି ଦେଇ ନ ଥିଲେ ବୋଲି ଚାନ୍ଦ ବେହେରା, ସତ୍ୟଭାମା ବେହେରା, ପ୍ରମିଳା ବେହେରା, ଶାନ୍ତିଲତା ବେହେରା, ତିଳୋତ୍ତମା ବେହେରା, କୁନି ପ୍ରଧାନ, କମଳା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଧାନ କିଣାରେ ବିଳମ୍ବ: ୧୧ ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ

**ଭବାନୀପାଟଣା,୩୧।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲାରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ନିର୍ଦ୍ଧାରିତ ମଣ୍ଡିଗୁଡିକରୁ ମିଲର୍ସ ଧାନ ଉଠାଇବାରେ ବିଳମ୍ବ କରୁଥିବା ଅଭିଯୋଗ ହେବା ପରେ ଜିଲା ପ୍ରଶାସନ କଡାଅଭିମୁଖ୍ୟ ଗ୍ରହଣ କରିଛି। ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଜିଲାର ୧୧ଟି ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କାହିଁକି ମିଲର୍ସମାନେ ସେମାନଙ୍କୁ ଦିଆଯାଇଥିବା ଟାର୍ଗେଟ ଅନୁଯାୟୀ ଧାନ ଉଠାଉ ନାହାନ୍ତି ଏବଂ କାହିଁକି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ତାହାର ଜବାବ ତଲବ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ, ମୁଖ୍ୟ ଯୋଗାଣ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ, ୨ ଉପଜିଲାପାଳ, ତହସିଲଦାର ଓ ବିଡିଓମାନଙ୍କୁ ସେମାନଙ୍କ ଅଞ୍ଚଳର ମଣ୍ଡିଗୁଡିକୁ ପରିଦର୍ଶନ କରି ବାସ୍ତବ ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୫୦ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ

**ସଇଁତଲା, ୩୧।୧୨(ଡି.ଏନ.ଏ.):** ମିଶନ ଶକ୍ତି ଓ ଏସବିଆଇ ସଇଁତଲା ଶାଖାର ମିଳିତ ଉଦ୍ୟମରେ ବ୍ଲକର ୫୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଗୁରୁବାର ହୋଇଥିବା ମେଳାରେ ଏହି ଅର୍ଥ ଚେକ ଆକାରରେ ପ୍ରଦାନ କରାଯାଇଥିବା ବଲାଙ୍ଗୀର ଜିଲା ମିଶନ ଶକ୍ତି ଡ଼ିପିସି ସୁମନ ଦ୍ୱିବେଦୀ କହିଛନ୍ତି। ସଇଁତଲା ରମେଶ ସିଂ ଭୋଇ ମିନି ଷ୍ଟାଡ଼ିୟମରେ ଏହି ମେଳା ଆୟୋଜିତ ହୋଇଥିଲା। ବଲାଙ୍ଗୀର ଏସବିଆଇର ଚିଫ ମ୍ୟାନେଜର ଶମ୍ଭୁ ଭୂଷଣ ମିଶ୍ର, ସଇଁତଲା ବ୍ରାଞ୍ଚ ମ୍ୟାନେଜର ମାନଭଞ୍ଜନ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଭୀମସେନ ସ୍ୱାଇଁ, ବିପିସି ମିଶନ ଶକ୍ତି ଦୀପ୍ତିମୟ ପ୍ରଧାନ, ବିପିସିଏ ରଞ୍ଜିତା ନାଏକଙ୍କ ସମେତ ଆଇସିଡ଼ିଏସର ସୁପରଭାଇଜର ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

### ସେକ୍ସ ର୍‌ୟାକେଟ୍ ଠାବ: ୨ ଗିରଫ

**ଭବାନୀପାଟଣା,୩୧।୧୨ (ଡି.ଏନ.ଏ.):** ଭବାନୀପାଟଣା ସହରରେ ଏକ ଭଡାଘରେ ସେକ୍ସ ର୍‌ୟାକେଟ୍ ଚାଲିଥିବା ଖବର ପାଇ ଗତ ବୁଧବାର ପୋଲିସ ଚଢାଉ କରିଥିଲା। ସେଠାରୁ ଟି. ଜୟା ପାଲମ ଓରଫ ଟାଡମ (୫୦) ଓ ତାଙ୍କ ସହଯୋଗୀ ପରଦେଶୀ ପଡାର ମନୀଷ ପଟେଲ (୨୫) ଓ ୩୫ ବର୍ଷୀୟ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଥିଲା। ଟି.ଜୟା ପାଲମ ଓ ମନୀଷଙ୍କୁ କୋର୍ଟଚାଲଣ କରାଯାଇଛି। ଯୁବତୀଙ୍କୁ କୋର୍ଟରେ ହାଜର କରି ସ୍ୱାଧାର ଗୃହକୁ ପଠାଇ ଦିଆଯାଇଛି। ଗତ ବର୍ଷ ଟାଉନ୍ ଥାନା ପୋଲିସ ଏକ ସେକ୍ସ ର୍‌ୟାକେଟ୍‌ର ପର୍ଦ୍ଦାଫାଶ୍ କରିଥିଲା। ଏଥିରେ ୩ ଜଣ ଗିରଫ ହୋଇଥିଲେ। ଟି. ଜୟା ପାଲମ ଫେରାର ହୋଇଯାଇଥିଲେ। ପରେ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଆସିବା ପରେ ପୁଣି ଥରେ ସେକ୍ସ ର୍‌ୟାକେଟ୍ କାରବାର ଆରମ୍ଭ କରିଥିଲା।

### ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଖଡିଆଳ, ୩୧।୧୨ (ଡି.ଏନ.ଏ.):** ନୂଆପଡା ଜିଲା ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖଡିଆଳ କଲ୍ୟାଣ ମଣ୍ଡପ-୨୦ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱଚ୍ଛସାଥି ଓ ସଫେଇ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଖଡିଆଳ ସହରକୁ କିପରି ସ୍ୱଚ୍ଛ ଓ ସୁନ୍ଦର ରଖିବା ଓ ବର୍ଜ୍ୟବସ୍ତୁକୁ କିପରି ଭାବେ ତାର ସଦୁପଯୋଗ କରିବା ଏ ନେଇ ଖଡିଆଳ ଏନଏସି ସିଇଓ ସଂଯୁକ୍ତା ପଣ୍ଡା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସେନିଟାଇଜ ଏକ୍ସପୋର୍ଟ ରାଜୀବ ମିସ୍ତ୍ରୀ, ଏମଏମ ମ୍ୟାନେଜର ସୁନୀଲ କୁମାର ନାଏକ, ଏମଆଇଏଚସିଟି ମଧୁସ୍ମିତା ମିଶ୍ର, ସ୍ୱଚ୍ଛସାଥି ସୁପରଭାଇଜର ମମତାମଞ୍ଜରୀ ଥଙ୍ଗା, ତାମ୍ରଧ୍ୱଜ ମାଝି, ଦେବ ଚୟନ ରାଉତ, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ନାକ ଭୋଇ, ପ୍ରମୋଦ ଠାକୁର, ଗଣେଶ ଭୋଇ, ଖଗେ କୁମାର, ମଧୁଲତା ହୋତା, ଲକ୍ଷ୍ମୀ କାଣ୍ଡ, ଧିରେନ ସିନ୍ଦୁର, ସୋମେସ ପାତ୍ର ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ମନ୍ଥର ଗତିରେ ଚାଲିଛି ଧାନକିଣା

**ସୋନପୁର,୩୧।୧୨(ନି.ପ୍ର.)**



ବିନିକା ବ୍ଲକ କଇଁତରା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି ।

**ସୁବର୍ଣ୍ଣପୁର ଜିଲା**
- ମଣ୍ଡିରୁ ଉଠୁନି ଧାନ
- ମିଲର୍ସ ନ ଆସିଲେ ପ୍ୟାକ୍ସ, ଏସ୍‌ଏଚ୍‌ଜି କିଣୁ ନାହାନ୍ତି
- ବିକି ପାରିନାହାନ୍ତି ୨୭ହଜାର ଚାଷୀ

ସୁବର୍ଣ୍ଣପୁର ଜିଲାରେ ଧାନ କିଣା ଆରମ୍ଭ ହେବା ଇତିମଧ୍ୟରେ ୪୦ଦିନ ବିତିଲାଣି। ସରକାର ଏହି ଜିଲାର ଚାଷୀଙ୍କଠାରୁ ୩ ଲକ୍ଷ ୪୦ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଏ ପର୍ଯ୍ୟନ୍ତ ଟାର୍ଗେଟ୍ ଦେଇଛନ୍ତି। ମାତ୍ର ଗୁରୁବାର ସନ୍ଧ୍ୟା ସୁଦ୍ଧା ୧୯ ଲକ୍ଷ ୭୪ ହଜାର ୭୧୬ କୁଇଣ୍ଟାଲ ସଂଗ୍ରହ ହୋଇଛି। ୬୨ଟି ପ୍ୟାକ୍ସ ଓ ୩୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହିଁ ଧାନକିଣା ଆରମ୍ଭ କରିଛନ୍ତି। ଚାଷୀଙ୍କ ଟୋକନ୍ ଆସିଥିବା ବେଳେ ମଣ୍ଡିରେ ଧାନ ବିକ୍ରି ହୋଇପାରୁନି। ମଣ୍ଡିମାନଙ୍କରେ ହଜାରେରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡି ରହିଛି। ଧାନକିଣା ସହିତ ମିଲର୍ସଙ୍କ କୌଣସି ସମ୍ପର୍କ ନ ଥିବା ବେଳେ ଜିଲାରେ କିନ୍ତୁ ନିୟମ ଅଲଗା। ମିଲର୍ସ ନ ଆସିଲେ ପ୍ୟାକ୍ସ ଓ ଏସଏଚ୍‌ଜି ଧାନ କିଣୁ ନ ଥିବା ଚାଷୀମାନେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନି। ଏଭଳି ସ୍ଥିତି ପାଇଁ ଡୁଙ୍ଗୁରିପାଲି ବ୍ଲକ ସୁନାପାଲିର ୭ ଜଣ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଇଛି। ମିଲର୍ସ ଆସୁ ନଥିବା ଦର୍ଶାଇ ଏସ୍‌ଏଚ୍‌ଜି ଧାନ କିଣି ନଥିଲା ବୋଲି ଚାଷୀ ଅଭିଯୋଗ କରିଛନ୍ତି।

ଜିଲାରେ ମୋଟ ୧୦୫ଟି ମଣ୍ଡି ଖୋଲିଛି। ଖରିଫ ଧାନ ବିକ୍ରି ପାଇଁ ୫୫ହଜାର ୭୦୨ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୩୧ତାରିଖ ସୁଦ୍ଧା ୨୭୭୪୨ଜଣ ଚାଷୀ ମଣ୍ଡିରେ ବିକ୍ରି କରିଛନ୍ତି। ଆହୁରି ୨୭ହଜାର ୯୬୦ଜଣ ଚାଷୀ ଧାନ ବିକ୍ରି କରିବାକୁ ବାକିଥିବା ଜଣାପଡିଛି।

ଧାନ ବିକ୍ରି ଅନ୍ୟବର୍ଷ ତୁଳନାରେ ମନ୍ଥର ଗତିରେ ଚାଲିଛି। ମଣ୍ଡିଗୁଡିକରେ ବ୍ୟବସାୟୀଙ୍କ ରାଜ୍ ଚାଲିଛି। ସେମାନଙ୍କ ଧାନ ପ୍ରଥମେ ଏଣ୍ଟି ହେଉଛି। ପ୍ରକୃତ ଚାଷୀଙ୍କୁ ନିଜ ସୁନାର ଫସଲକୁ ବିକ୍ରି କରିବା ପାଇଁ ଶୀତ, କାକରରେ ୧୫ରୁ ୨୦ରାତି ମଣ୍ଡିରେ କଟାଇବାକୁ ପଡୁଛି। ଝିଅ ବାହାଘର ଓ ସାହୁକାରଙ୍କ ଋଣ ସୁଝିବା ପାଇଁ ଟଙ୍କା ଆବଶ୍ୟକ ଥିବାରୁ କମ୍ ଦରରେ ଅସାଧୁ ବ୍ୟବସାୟୀଙ୍କୁ ଧାନ ବିକ୍ରି ପାଇଁ ଚାଷୀଙ୍କୁ ବାଧ କରାଯାଉଛି । ମଣ୍ଡିକୁ ନ ଯାଇ ବଡ ଚାଷୀ ଓ ବ୍ୟବସାୟୀଙ୍କ ଧାନ ଟ୍ରକ୍ ସିଧାସଳଖ ମିଲ୍‌ରେ ପଶୁଛି। ଚାଷୀ ପ୍ରକୃତ ମୂଲ୍ୟ ନ ପାଇ କ୍ଷତି ସହୁଛି।

ଜିଲାରେ ଗତ ବର୍ଷଠାରୁ ଅଧିକ ୮ହଜାର ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ କରିଛନ୍ତି। ସୁବର୍ଣ୍ଣପୁର ଜିଲାର ୪୧ ଓ ସମ୍ବଲପୁର ଜିଲାର ୨ ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି।

ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ସମେତ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଭଳି ଅଣଜଳସେଚିତ ବ୍ଲକ ଅଞ୍ଚଳରେ ସମାନ ଅବସ୍ଥା। ଡୁଙ୍ଗୁରିପାଲି ବ୍ଲକର ତମାମୁରା, ବଡକର୍ଲେ, ସମଲେଇରୁଆଁ, ବେହେରାମାଲ, ବିନିକା ବ୍ଲକର କଇଁତରା, ବୀରମହାରାଜପୁର ବ୍ଲକ ବହଳପଦର, ହିଲୁଙ୍ଗ, ମୁର୍ଷୁଣ୍ଡି ଓ ଉଲୁଣ୍ଡା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି। ଧାନ ବିକ୍ରି ବିଳମ୍ବ ହେଉଥିବାରୁ ଋଣ ଟଙ୍କା ସୁଝିବା ପାଇଁ ଚାଷୀଙ୍କ ଉପରେ ଚାପ ପଡୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୂପକାର କୁହନ୍ତି, ଧାନ କିଣାରେ ସେମିତି କିଛି ସମସ୍ୟା ନାହିଁ। ଅଧିକ ମିଲର୍ସ ଏହି ପ୍ରକ୍ରିୟାରେ ସାମିଲ ହେଲେ ଧାନକ୍ରୟ ଆହୁରି ତ୍ୱରାନ୍ୱିତ ହେବ।

# ଅର୍ଥାଭାବରୁ ଅଟକିଛି ଚିକିତ୍ସା

**ଗୁଡ଼ଭେଲା, ୩୧।୧୨(ଡି.ଏନ.ଏ.)**

**ପକ୍ଷାଘାତରେ ଆକ୍ରାନ୍ତ ହୋଇଛନ୍ତି ବିରଞ୍ଚି**



ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ସମରା ପଞ୍ଚାୟତ ଅଧୀନ ଲୁର୍କୀ ଗ୍ରାମର ବିରଞ୍ଚି କାଲସାଏ(୫୦) ପକ୍ଷାଘାତରେ ଆକ୍ରାନ୍ତ ହୋଇ ଗତ ତିନିବର୍ଷ ହେଲା ଘରେ ବସି ରହିଛନ୍ତି। ଦୁଇଗୋଡ଼ ଅଚଳ ହୋଇଯାଇଛି। ବିନା ସାହାରାରେ ଶୌଚ ପାଇଁ ମଧ ଯାଇ ପାରୁନାହାନ୍ତି। ସ୍ତ୍ରୀ ବିମଳା, ତିନିପୁଅ ମୁକେଶ(୧୮), ମୁନେଶ(୧୬), ସୁନେଶ(୧୩)ଙ୍କୁ ନେଇ ବେଶ୍ ହସଖୁସିରେ ଚାଲିଥିଲା ବିରଞ୍ଚିଙ୍କ ସଂସାର। ତିନିବର୍ଷ ତଳେ ହଠାତ୍ ସେ ରୋଗାକ୍ରାନ୍ତ ହୋଇଗଲେ। ଧାରକରଜ କରି ବଲାଙ୍ଗୀର, ବୁର୍ଲାକୁ ଯାଇ ଡାକ୍ତରଙ୍କୁ ଦେଖାଇଲା ପରେ ମଧ କୌଣସି ସୁଫଳ ମିଳିଲା ନାହିଁ। ଉଚ୍ଚତର ଚିକିତ୍ସା ଦରକାର ବୋଲି ଡାକ୍ତରମାନେ କହିଲେ। ମୂଳ ମଜୁରି ଲାଗି ପରିବାର ଚଳାଉଥିବା ବିରଞ୍ଚି ଚିକିତ୍ସା କିପରି କରାଇବେ ସେହି ଚିନ୍ତାରେ ଏବେ ଭାଙ୍ଗି ପଡିଛନ୍ତି। ଘରେ ସେ ଦିନରାତି ଶଯ୍ୟାଶାୟୀ ହୋଇ ରହିଥିବା କହିଛନ୍ତି ସ୍ତ୍ରୀ ବିମଳା। ଅନ୍ୟ କୌଣସି ଆୟପନ୍ଥା ନ ଥିବା ବେଳେ ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫କେଜି ଚାଉଳ ଓ ଇନ୍ଦିରା ଆବାସ ମିଳିଛି। ଅର୍ଥଭାବରୁ ପାଠ ପଢାରେ ଡୋରି ବାନ୍ଧି ଦୁଇପୁଅ ମୁକେଶ ଓ ମୁନେଶ ଏବେ ଦିନମଜୁରି କରୁଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ସାନ ପୁଅ ସୁନେଶର ପାଠପଢା ବଡ଼ କଠିନ ପରିସ୍ଥିତରେ ଚାଲିଛି। ପରିବାରର ଏହି ଆର୍ଥିକ ଦୁର୍ଗତି ମଧ୍ୟରେ ବିରଞ୍ଚିଙ୍କ ଉଚ୍ଚ ଚିକିତ୍ସାରେ ଅର୍ଥ ସାଜିଛି ବାଧକ।

# ଚକ୍ଷୁ ପରୀକ୍ଷା ଶିବିର

**ଦେଓଗାଁ, ୩୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାନ୍ଦୁଳ ଡଙ୍ଗର ଜନକଲ୍ୟାଣ ଫାଉଣ୍ଡେଶନ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୧୫୦ମହିଳା ପୁରୁଷ ଚକ୍ଷୁପରୀକ୍ଷା କରାଇଥିଲେ । ଏଥିମଧ୍ୟରୁ ମୋତିଆବିନ୍ଦୁ ଥିବା ୫୦ ଜଣଙ୍କୁ ଚିହ୍ନଟ କରି ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଥିଲା। ଡା. ମାନସ ବେହେରାଙ୍କ ନେତୃତ୍ୱରେ ରୋଗୀ ପରୀକ୍ଷା କରାଯାଇଥିଲା। ଶିବିରକୁ ପୂର୍ବତନ ସରପଞ୍ଚ ଗୋପାଳ ସିଂ ନିନା ତଥା ସ୍ଥାନୀୟ କାନ୍ଦୁଳ ଡଙ୍ଗର ଜନକଲ୍ୟାଣ ଫାଉଣ୍ଡେସନର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

# ପାରାମେଡିକାଲ ଷ୍ଟାଫ୍, କୋଭିଡ୍ ଯୋଦ୍ଧାଙ୍କ ଧାରଣା




ପାରାମେଡିକାଲ ଷ୍ଟାଫ ଓ କୋଭିଡଡ୍ ଯୋଦ୍ଧାମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି।

**ତରବୋଡ଼, ୩୧।୧୨ (ଡି.ଏନ.ଏ.)**

**ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟରେ ସାମିଲ, ନିୟମିତ କରିବା ଦାବି**

ନୂଆପଡା ଜିଲାରେ କୋଭିଡ୍ ମୁକାବିଲା ପାଇଁ ପାରାମେଡିକାଲ ଷ୍ଟାଫଙ୍କୁ ନିଯୁକ୍ତି କାଯାଇଥିଲା। ଏହାକୁ ନିୟମିତ କରିବା ପାଇଁ ପାରାମେଡିକଲ ଷ୍ଟାଫମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗତ ୩ ଦିନ ହେବ ଧାରଣା ଦେଇଛନ୍ତି। ଗତ ଏପ୍ରିଲରେ କରୋନା ମହାମାରୀ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲାରେ ବହୁ ପାରାମେଡିକାଲ ଷ୍ଟାଫଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନେ ନିଜ ଜୀବନକୁ ବାଜି ଲଗାଇ କରୋନା ମୁକାବିଲାରେ ସାମିଲ ହୋଇଥିଲେ। ଆସନ୍ତା ୩୧ ତାରିଖରେ ପାରାମେଡିକାଲ ଷ୍ଟାଫର ୨୫ % କର୍ମଚାରୀଙ୍କୁ ଛଟେଇ କରିବାକୁ ଜିଲା ପ୍ରଶାସନ ଯୋଜନା କରିଛି। ଏହାକୁ ପାରାମେଡିକାଲ ଷ୍ଟାଫ ବିରୋଧ କରିଥିବା ବେଳେ ଜିଲାରେ କରୋନା ଭୟ ଦୂର ହୋଇ ନ ଥିବାରୁ କାର୍ଯ୍ୟକାଳ ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି। ଏହାସହ ସେମାନଙ୍କୁ ଅନ୍ୟ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟରେ ସାମିଲ କରି ନିୟମିତ କରିବା ପାଇଁ ଦାବି କରିଛନ୍ତି। ପାରାମେଡିକାଲ ଷ୍ଟାଫ ଓ କୋଭିଡ୍ ଯୋଦ୍ଧା ନିୟମିତ କରିବା ପାଇଁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବା ସହ ୪ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନକୁ ଦେଇଥିଲେ। ଧାରଣାରେ ଅର୍ଣ୍ଣପୂର୍ଣ୍ଣା ସାହୁ, ସନ୍ତୋଷ ବାଗ, ନୀଳାକର ନାଏକ, ବିଘ୍ନରାଜ ଖମାରି, ସସ୍ମିତା ମଝି, ଲିପ୍ସା ମହାନନ୍ଦ, କୋସଲ୍ୟା ଦୁରିଆ, ମିନା ମାଝି, ରେଣୁକା ମହାନନ୍ଦ, ହେମଲତା ରଣା, ଜ୍ୟୋତିମୟୀ ମହାନନ୍ଦ, ଡିଲେଶ୍ୱରୀ ଦାସ, ଭୁବନେଶ୍ୱର ଶବର, ଭୂମିସୁତା ପ୍ରଧାନ ପ୍ରମୁଖ ପାରାମେଡିକାଲ ଓ କୋଭିଡ ୧୯ ଯୋଦ୍ଧା ସହିତ ସାମାଜିକ କର୍ମୀ ଯଦୁମଣି ପାଣିଗ୍ରାହୀ ସାମିଲ ଥିଲେ।

# ରାସ୍ତାକଡରୁ ଅସହାୟ ବୃଦ୍ଧା ଉଦ୍ଧାର

**ଲାଠୋର, ୩୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମ ରାସ୍ତା କଡରେ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ୭୦ବର୍ଷର ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ସକାଳେ ଉଦ୍ଧାର କରିବା ପରେ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି ତାଙ୍କୁ କେନ୍ଦ୍ରକୁ ଆଣି ଖାଦ୍ୟପେୟର ବ୍ୟବସ୍ଥା ସହ ଶୀତବସ୍ତ୍ର ଦେଇଥିଲେ। ସରପଞ୍ଚ ବିଜୟଲକ୍ଷ୍ମୀ ବାଗ ବୃଦ୍ଧାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ତାଙ୍କ କହିବାନୁସାରେ ବୃଦ୍ଧାଙ୍କ ଘର ଖୁରିପାଣିରେ। ବର୍ତ୍ତମାନ ତାଙ୍କର କେହି ପରିବାର ସଦସ୍ୟ ନାହାନ୍ତି, ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ଶୁକ୍ରବାର ବିଡ଼ିଓଙ୍କ ସହିତ ଆଲୋଚନା କରି ତାଙ୍କୁ ଥାଇଥାନ କରିବା ବ୍ୟବସ୍ଥା କରାଯିବ। ସୂଚନା ଅନୁସାରେ ଗତ ତିନିଦିନ ହେବ ବୃଦ୍ଧା ଜଣକ ଖଣ୍ଡେ ପତଳା ଶାଢ଼ୀ ପିନ୍ଧି ପ୍ରଚଣ୍ଡ ଶୀତରେ କରୁଆଁଝର ପଞ୍ଚାୟତ ଅଞ୍ଚଳରେ ବୁଲାବୁଲି କରୁଥିଲେ। ବୁଧବାର ସନ୍ଧ୍ୟାରେ ସାନଗୁର୍ଜିଭଟା ଛକକୁ ଆସି ରାସ୍ତାକଡରେ ଆଶ୍ରୟ ନେଇଥିଲେ।

# ପୁଣି ହାତୀ ଆତଙ୍କ: ଘର ଭାଙ୍ଗିଲେ, ଧାନ ଚାଉଳ ଖାଇ ନଷ୍ଟ କଲେ



ହାତୀ ଭାଙ୍ଗି ପକାଇଥିବା ଘର।

**ତରବୋଡ଼, ୩୧।୧୨ (ଡି.ଏନ.ଏ.)**

ନୂଆପଡା ଜିଲାରେ ହାତୀ ଆତଙ୍କ ପିଛାଛାଡୁ ନାହିଁ। ଗତ ୨୫ ତାରିଖରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହଖଣ୍ଡ ଜଙ୍ଗଲରୁ ନୂଆପଡା ଜିଲା ସୀମାନ୍ତ କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତ ଦେଇ ଧରମସାଗାର ଗାଁକୁ ହାତୀପଲ ପ୍ରବେଶ କରିଥିଲା। ଏହାକୁ ନେଇ କୋମନା ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଏବେ ପୁଣି ଥରେ ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଗଡଭଟା ଗାଁରେ ଆତଙ୍କ ଖେଳାଇଛନ୍ତି । ଅନେକ ଲୋକଙ୍କ ଘର ଦ୍ୱାର ଭାଙ୍ଗିବା ସହ ଧାନ ଚାଉଳ, ପନିପରିବା ଚାଷ ଖାଇ ନଷ୍ଟ କରିଦେଇଛନ୍ତି। ଦୋରସା ମାଝିଙ୍କ ୧୬ ପକେଟ ଧାନ, ଏକ ପକେଟ ଚାଉଳ ଖାଇ ଯାଇଥିବା ବେଳେ ଗ୍ୟାସ ଚୂଲା, ମୋଟର ପାଇପ ନଷ୍ଟ କରିଦେଇଛି। ଫୁଲବାଇ ମାଝିଙ୍କ ରୋଷେଇ ଘର ଭାଙ୍ଗିବା ସହିତ ୫ ପକେଟ ଧାନ, ବାସନକୁସନ ନଷ୍ଟ କରି ସବୁ ଭିଙ୍ଗାଫବଡ଼ା କରିଛି। ଓଁକାର ବର୍ଗେଙ୍କ ରୋଷେଇ ଘର ଭାଙ୍ଗି ୨୦ ପକେଟ ଧାନ, ୩ ପକେଟ ଆଳୁ ବିହନ, ଗୋଟିଏ ସାଇକେଲକୁ ଭାଙ୍ଗି ଦେଇଛି। ବସୁରମ ବଗେଙ୍କ ରୋଷେଇ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ହାତୀ ପଲ ଘଉଡାଇବା ପାଇଁ ବନ ବିଭାଗ ଟିମ ନିୟୋଜିତ ସହିତ ବିଭାଗ ପକ୍ଷରୁ ସଚେତନ କରିବା ସହ ହାତୀ ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। କ୍ଷୟକ୍ଷତି ଆକଳନ କରି ସରକାରୀ ସହେଯୋଗ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବେ କଳାହାଣ୍ଡିର ବଜାଶାଳ ନୃତ୍ୟଦଳ

**ଭବାନୀପାଟଣା,୩୧।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭାନୀପାଟଣା ସହରସ୍ଥିତ ପ୍ରତିଭା ଅନୁଷ୍ଠାନର ବଜାଶାଳ ନୃତ୍ୟ ଦଳ ଜାତୀୟ ପରେଡ୍‌ରେ ଯୋଗଦେବା ପାଇଁ ମନୋନୀତ ହୋଇଛି। ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀସ୍ଥିତ ରାଜପଥ ଜାତୀୟ ପରେଡରେ ବଜାଶାଳ ନୃତ୍ୟ ପରିବେଷଣ କରିବ। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନ କୋଲକତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ପୂର୍ବ ଭାରତର ଗୋଟିଏ ମାତ୍ର ନୃତ୍ୟ ଦଳ ଭାବରେ ଯୋଗଦେବେ। ପ୍ରତିରକ୍ଷା ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବୃତାନ୍ତ ହୋଇଛି। ଆସନ୍ତା ୩ ତାରିଖରେ ପ୍ରତିଭା ଅନୁଷ୍ଠାନର ଗୁରୁ ଧ୍ୟାନାନନ୍ଦ ପଣ୍ଡା, ବିଷ୍ଣୁ ପ୍ରସାଦ ନାଏକ ଓ ଦେବେଶ ସିଂହଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାର ୮୦ ଜଣ ବଜାଶାଳ ନୃତ୍ୟ କଳାକାର ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ସେଠାରେ ରହି ରିହରସେଲ କରିବା ସହିତ ସାଧାରଣତନ୍ତ୍ର ଦିବସରେ ନୃତ୍ୟ ପରିବେଷଣ କରିବେ। ସମଗ୍ର ପୂର୍ବ ଭାରତର ଗୋଟିଏ ମାତ୍ର ଲୋକନୃତ୍ୟ ଦଳ ଭାବରେ ମନୋନୀତ ହୋଇଥିବାରୁ ଓଡିଶା ପାଇଁ ଏହା ଗର୍ବର ବିଷୟ ବୋଲି ମତ ପ୍ରକାଶ ପାଉଛି।



# କପା ଅମଳ ପରବର୍ତ୍ତୀ ଯତ୍ନ ଉପରେ ତାଲିମ

**ଅମରପାଲି,୩୧।୧୨(ଡି.ଏନ.ଏ)**

ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସୌଜନ୍ୟରେ କପା ଫସଲର ଅମଳ ପରବର୍ତ୍ତୀ ଯତ୍ନ ଓ ବିକ୍ରିବଟା ସମ୍ପର୍କିତ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ବ୍ଲକ ଅଧୀନ ମୁର୍ଷୁଣ୍ଡୀ ପଞ୍ଚାୟତର ଚୌକା, ଖଣ୍ଡହତା ପଞ୍ଚାୟତର ଅଡାଲ ଓ ଜନକପୁରଠାରେ ଶିବିର ହୋଇଥିଲା। ତାଲିମଦାତାଭାବେ ସହକାରୀ କୃଷି ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା, ଲଳିତ କୁମାର ସାହୁ, ତୁଷାରକାନ୍ତ ସାହୁ ଯୋଗଦେଇ ଅର୍ଥକାରୀ ଫସଲ କପାର ଅମଳ ପୂର୍ବ ଓ ପରବର୍ତ୍ତୀ ଯତ୍ନ, ପରିବହନ, ବିକ୍ରିବଟାରେ କୃଷି ବିଭାଗ, ଆରଏମସି ଓ ଭାରତୀୟ କପା ନିଗମର ଭୂମିକା, କପା ବିକ୍ରି ପାଇଁ ପଞ୍ଜୀକରଣ, କପାର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ମୂଲ୍ୟସୂଚୀ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଜଣାଇଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କୃଷି ସହାୟକ ପ୍ରତୀକ ସେଠୀ, ସୁମନ କୁମାର ମିଶ୍ରଙ୍କ ସହଯୋଗରେ ତାଲିମ ଶିବିର ହୋଇଥିଲା। ଗ୍ରାମ୍ୟ କୃଷି କର୍ମଚାରୀମାନେ କୃଷକ ସାଥୀ, ସ୍ଥାନୀୟ ଅଗ୍ରଣୀ କପା ଚାଷୀଙ୍କୁ ତାଲିମ ପାଇଁ ଚୟନ କରିଥିଲେ। ତାଲିମ ଶିବିରରେ କୋଭିଡ- ୧୯କୁ ଦୃଷ୍ଟିରେ ରଖି ମାକ୍ସ ବଣ୍ଟନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ କପା ଚାଷୀ ।

# ରବିଚାଷ ପାଇଁ ମିଳୁନି ପାଣି

**ବଲାଙ୍ଗୀର ଅଫିସ, ୩୧।୧୨**



ଧୁମାଭଟାର ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ଓସ୍ତାଲି ଡ୍ୟାମ୍ ଡାହଣ ପଟ କେନାଲ ଚାଷୀ ଜିଲାପାଳଙ୍କୁ ଭେଟିଲେ
- ୪୮ଘଣ୍ଟା ଭିତରେ ପାଣି ଯୋଗାଇବାକୁ ଦାବି
- ମୁଖ୍ୟ ଡ୍ୟାମ ଲିକେଜ୍ ସମସ୍ୟାର ସମାଧାନ ଦାବି କଲେ

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ପଞ୍ଚାୟତର ଚାଷୀମାନେ ଓସ୍ତାଲି ଡ୍ୟାମର କେନାଲ ସମସ୍ୟା ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନାଲ ଜମି କ୍ଷତିପୂରଣ ସମସ୍ୟା ନେଇ ଦୁଇଜଣ ଚାଷୀ ଡ୍ୟାମ ଡାହାଣ ପଟ କେନାଲ ପାଣିକୁ ତାଙ୍କ ଚାଷ ଜମି ସୀମାରେ ଅଟକାଇ ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ରବିଚାଷ ସମୟରେ ବହୁ ଚାଷୀ ସେମାନଙ୍କ ଚାଷଜମିକୁ ପାଣି ମଡାଇ ପାରୁନାହାନ୍ତି। ୪୮ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରି ପାଣି ଯୋଗାଇ ଦେବାକୁ ଚାଷୀମାନେ ଲିଖିତ ଦାବି ଜଣାଇଛନ୍ତି।

ଜିଲାପାଳଙ୍କୁ ପ୍ରଦତ୍ତ ଦରଖାସ୍ତରେ ଚାଷୀମାନେ ଦର୍ଶାଇଛନ୍ତି ଯେ, ୧୯୯୯ ମସିହାରୁ ଖରିଫ ଓ ରବିଚାଷ ପାଇଁ ଏହି ପ୍ରକଳ୍ପରୁ ଚାଷୀଙ୍କୁ ପାଣି ଯୋଗାଇ ଦିଆଯାଉଥିଲା। ଫଳରେ ପ୍ରାୟ ୧ ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ହେଉଥିଲା। ଓସ୍ତାଲି ପ୍ରକଳ୍ପରୁ ବାମ ଓ ଡାହଣ ପଟ ଦୁଇଟି କେନାଲ ବାହାରିଛି। ବାମ ପଟ କେନାଲରେ ସଇଁତଲା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁର ଚାଷଜମି ଜଳସେଚିତ ହେଉଛି। ଡାହଣପଟ କେନାଲରେ ବେଲପଡା ବ୍ଲକ ଜଲିଆ ଓ ଧୁମାଭଟାର ଚାଷୀମାନେ ଜଳସେଚନ ସୁବିଧା ପାଉଥିଲେ। ଡାହଣପଟ କେନାଲର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୁଇଜଣ ଚାଷୀ କ୍ଷତିପୂରଣ ସମସ୍ୟା ରହିଥିବା ଦର୍ଶାଇ ପାଣିକୁ ଅଟକାଇ ଦେଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ଏବେ ରବିଚାଷ ପାଇଁ ପାଣି ଆବଶ୍ୟକ ଥିବାବେଳେ କେନାଲ ପାଣି ଅଟକାଯାଇଥିବାରୁ ତଳମୁଣ୍ଡ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ଧୁମାଭଟା ପଞ୍ଚାୟତର ବହୁ ଚାଷୀ ଜିଲାପାଳ କାର୍ଯ୍ୟାଳୟକୁ ଆସି ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଡାହାଣ କେନାଲ ଜମି ସମସ୍ୟାର ସମାଧାନ କରି ୪୮ ଘଣ୍ଟା ଭିତରେ ପାଣି ଯୋଗାଣ, ପୋତି ହୋଇଯାଇଥିବା ବାମ ଓ ଡାହାଣ ପଟ କେନାଲର ଉନ୍ନତୀକରଣ ଏବଂ ଡ୍ୟାମର ମୁଖ୍ୟ କେନାଲ ଗେଟ୍‌ରେ ପାଣି ଲିକ୍ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

